ଓଡ଼ିଶା ସରକାର

# ଓଡ଼ିଶା ବିଧାନ ସଭାରେ
# 1991-92 ମସିହାର ବଜେଟ
# ଉପସ୍ଥାପନ କରି
# ଅର୍ଥମନ୍ତ୍ରୀ ଶ୍ରୀ ବେଦ ପ୍ରକାଶ ଅଗ୍ରୱାଲାଙ୍କ
# ଅଭିଭାଷଣ

ମାର୍ଚ୍ଚ 4, 1991

ଅଧ୍ୟକ୍ଷ ମହୋଦୟ,

ଏହି ମହାନ୍ ଗୃହରେ 1991-92 ମସିହା ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କରିବା ଅବସରରେ ଆଜି ମୁଁ ଗୃହର ମାନ୍ୟବର ସଭ୍ୟମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଜ୍ଞାପନ କରୁଛି ।

2. ଓଡ଼ିଶାବାସୀଙ୍କ ମନରେ ଏକ ନୂତନ ଆଶା ଓ ଆକାଙ୍କ୍ଷା ସୃଷ୍ଟି କରି ଓ ସେମାନଙ୍କର ବିପୁଳ ସମର୍ଥନ ଲାଭ କରି କ୍ଷମତାକୁ ଆସି ଶ୍ରୀ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଗଢ଼ା ଯାଇଥିବା ଏହି ସରକାର ରାଜ୍ୟ ଓ ରାଜ୍ୟବାସୀଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସଙ୍କଳ୍ପବଦ୍ଧ । ତେବେ ଏଥିପାଇଁ ଆବଶ୍ୟକୀୟ ପଦକ୍ଷେପ ଯେ ବାଧାବିଘ୍ନ ରହିତ ତା' ନୁହେଁ, ବରଂ ଏଥିପାଇଁ ଆମକୁ କଠୋର ପରିଶ୍ରମ କରିବାକୁ ପଡ଼ିଛି ଏବଂ ଭବିଷ୍ୟତରେ ମଧ୍ୟ କରିବାକୁ ପଡ଼ିବ । ଏହି ପ୍ରସ୍ତାବିତ ବଜେଟ୍ ଅଟକଳକୁ ମାନ୍ୟବର ସଭ୍ୟମାନେ ଅନୁଧ୍ୟାନ କଲେ ରାଜ୍ୟର, ବିଶେଷତଃ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ନିମିତ୍ତ ଆମର ନିରବଚ୍ଛିନ୍ନ ପ୍ରଚେଷ୍ଟାର ସ୍ପଷ୍ଟ ସୂଚନା ପାଇପାରିବେ । ଗତ ବର୍ଷଠାରୁ ଆରମ୍ଭ କରାଯାଇଥିବା ପଦ୍ଧତି ଅନୁସାରେ ବିଭିନ୍ନ ବିଭାଗରୁ ଆସିଥିବା ସମସ୍ତ ପ୍ରସ୍ତାବଗୁଡ଼ିକ ଏକ କ୍ୟାବିନେଟ୍ ସବ୍‌କମିଟି ଦ୍ୱାରା ପୁଙ୍ଖାନୁପୁଙ୍ଖ ଭାବେ ଯାଞ୍ଚ କରାଗଲା ପରେ ମନ୍ତ୍ରୀ ପରିଷଦଙ୍କ ପରାମର୍ଶକ୍ରମେ ଏହାର ଚୂଡ଼ାନ୍ତ ରୂପରେଖ ଦିଆଯାଇଛି । ସେହି ବଜେଟ୍ ମୁଁ ଆଜି ଏହି ଗୃହରେ ଉପସ୍ଥାପନ କରୁଛି ।

3. 1991-92 ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କରିବା ପୂର୍ବରୁ ମୁଁ ରାଜ୍ୟର ଆର୍ଥିକ ପରିସ୍ଥିତିର ଏକ ସଂକ୍ଷିପ୍ତ ବିବରଣୀ ଦେବା ସମୀଚୀନ ମନେ କରୁଛି । ସପ୍ତମ ଯୋଜନା କାଳରେ ଷଷ୍ଠ ଯୋଜନାର ଶେଷ ବର୍ଷ ଅର୍ଥାତ୍ 1984-85 ବର୍ଷ ତୁଳନାରେ ରାଜ୍ୟର ବାର୍ଷିକ ହାରାହାରି ଆର୍ଥିକ ଅଭିବୃଦ୍ଧିର ହାର ଶତକଡ଼ା 7 ଭାଗ ହୋଇଥିବା ବେଳେ 1989-90 ବର୍ଷରେ ତତ୍ପୂର୍ବ ବର୍ଷ ତୁଳନାରେ ଆର୍ଥିକ ଅଭିବୃଦ୍ଧିର ହାର ଶତକଡ଼ା 6·03 ଭାଗ ହୋଇଥିଲା । ଏହି ସମୟ ମଧ୍ୟରେ 1980-81

ମୂଲ୍ୟସୂଚୀ ଅନୁଯାୟୀ ରାଜ୍ୟର ଆୟ 3,940 କୋଟି ଟଙ୍କାରୁ 4,780 କୋଟି ଟଙ୍କାକୁ ଏବଂ ମୁଣ୍ଡ ପିଛା ଆୟ 1,339 ଟଙ୍କାରୁ 1,557 ଟଙ୍କାକୁ ବୃଦ୍ଧି ପାଇଛି । ଏହା ସତ୍ତ୍ୱେ ଜାତୀୟ ମୁଣ୍ଡ ପିଛା ଆୟ (National *per capita* income)ଠାରୁ ଆମ ରାଜ୍ୟର ମୁଣ୍ଡ ପିଛା ଆୟ ବହୁତ କମ୍ । ଜାତୀୟ ମୁଣ୍ଡ ପିଛା ଆୟ ଓ ରାଜ୍ୟ ମୁଣ୍ଡ ପିଛା ଆୟ ମଧ୍ୟରେ ବ୍ୟବଧାନ 1980-81 ବର୍ଷରେ 400 ଟଙ୍କା ଥିବା ସ୍ଥଳେ 1989-90 ବର୍ଷ ସୁଦ୍ଧା 585 ଟଙ୍କାକୁ ବୃଦ୍ଧି ପାଇଛି । ତୁଳନାତ୍ମକ ଦୃଷ୍ଟିରୁ ଜାତୀୟସ୍ତରରେ ବିହାରକୁ ବାଦ୍ ଦେଲେ ଓଡ଼ିଶାର ସ୍ଥାନ ସର୍ବ ନିମ୍ନ । ଭାରତବର୍ଷରେ ଓଡ଼ିଶାକୁ ଯଥୋଚିତ ସ୍ଥାନ ଦେବାକୁ ହେଲେ ପରିସ୍ଥିତି ଏବଂ ଆଭିମୁଖ୍ୟର ବହୁ ପରିବର୍ତ୍ତନର ଆବଶ୍ୟକତା ଯେ କୌଣସି ଚିନ୍ତାଶୀଳ ନାଗରିକ ଉପଲବ୍ଧି କରିବେ । ସମ୍ବଳ ସଂଗ୍ରହ ଏବଂ ପୁଞ୍ଜି ବିନିଯୋଗରେ ମଧ୍ୟ ଅନୁରୂପ ପଦକ୍ଷେପ ଆବଶ୍ୟକ ।

4. ଶତକଡ଼ା ହାର ବିଷୟରେ ଦାରିଦ୍ର୍ୟର ସୀମାରେଖା ତଳେ ରହିଥିବା ଓଡ଼ିଶାବାସୀଙ୍କ ସଂଖ୍ୟାର ହାର ଜାତୀୟ ହାର ତୁଳନାରେ ଅତି ମାତ୍ରାରେ ଅଧିକ । ଏହି ଦୁର୍ବଳ ଶ୍ରେଣୀ ଲୋକମାନଙ୍କର ସମଗ୍ର ପରିବାରବର୍ଗଙ୍କୁ କର୍ମ ନିଯୁକ୍ତି ଦେବା ଏବଂ ଯୋଜନାର ଗୁଣାତ୍ମକ ମାନ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ସେଥିପାଇଁ ଅଟକଳ ହୋଇଥିବା ଅର୍ଥର ସମ୍ପୂର୍ଣ୍ଣ ସଦୁପଯୋଗ ହେବ ଏବଂ Leakage ଯେପରି ନହେବ ତାହା ପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ଆରୋପ କରାଯାଇଛି । ସେହିପରି ଶିକ୍ଷିତ ବେକାର ଯୁବକ ଯୁବତୀମାନଙ୍କୁ କର୍ମ ସଂସ୍ଥାନ, ସମ୍ବଳ, ବୈଷୟିକ ସାହାଯ୍ୟ ଏବଂ ତାଲିମ ଦେବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଗତବର୍ଷ ରେଜିଷ୍ଟ୍ରି ହୋଇଥିବା ମୋଟ୍ 8 ଲକ୍ଷ 69 ହଜାର ବେକାରଙ୍କ ମଧ୍ୟରୁ 5·06 ହଜାର ଅର୍ଥାତ୍ ଶତକଡ଼ା 58·2 ଭାଗ ହେଉଛନ୍ତି ଶିକ୍ଷିତ । ଦାରିଦ୍ର୍ୟ ବିରୋଧୀ ଅଭିଯାନ ଛଡ଼ା ସମାଜର ସବୁ ଶ୍ରେଣୀର ଓ ସବୁ ସ୍ତରର ଲୋକଙ୍କ ସର୍ବାଙ୍ଗୀନ ସୁବିଧା ପାଇଁ ଓ ଜୀବନ ଧାରଣର ମାନ ଉନ୍ନତ କରିବା ପାଇଁ ନିମ୍ନୋକ୍ତ କାର୍ଯ୍ୟକ୍ରମ ଉପରେ ଯଥେଷ୍ଟ ଗୁରୁତ୍ୱ ଆରୋପ କରାଯାଉଛି ;

(କ) ଦାରିଦ୍ର୍ୟ ବିରୁଦ୍ଧରେ ଫଳପ୍ରଦ କାର୍ଯ୍ୟକ୍ରମ ଏବଂ ରାଜ୍ୟର ମୁଣ୍ଡ ପିଛା ଆୟ ବୃଦ୍ଧି ।

(ଖ) ଆୟ ନିଯୁକ୍ତି ସଙ୍ଗେ ସଙ୍ଗେ ଉଭୟ ଗ୍ରାମ ଏବଂ ସହରାଞ୍ଚଳରେ ବହୁଳ ଭାବେ କର୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି ।

(ଗ) ବିଦ୍ୟୁତ୍ ଶକ୍ତିର ଉତ୍ପାଦନରେ ବୃଦ୍ଧି ।

(ଘ) କୃଷି ଉତ୍ପାଦନରେ ବୃଦ୍ଧି ଓ ଜଳସେଚନ ସୁବିଧାର ସମ୍ପ୍ରସାରଣ ।

(ଙ) ଗ୍ରାମାଞ୍ଚଳରେ ପାନୀୟ ଜଳ, ସ୍ୱାସ୍ଥ୍ୟ, ପ୍ରାଥମିକ ଶିକ୍ଷା, ପ୍ରୌଢ଼ ଶିକ୍ଷା ଓ ଅଣଆନୁଷ୍ଠାନିକ ଶିକ୍ଷା ଆଦି ମୌଳିକ ଆବଶ୍ୟକତାର ବ୍ୟବସ୍ଥା ।

(ଚ) ଦରଦାମ୍ ସ୍ଥିର ରଖିବା ଓ ସେଥିପାଇଁ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଅଧିକ ସକ୍ରିୟ କରିବା ।

(ଛ) ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ନିମିତ୍ତ ଯୋଜନାର ବିକେନ୍ଦ୍ରୀକରଣ କରି ଜିଲ୍ଲା ଓ ବ୍ଲକ୍ ସ୍ତରରେ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ।

5. ଉପରୋକ୍ତ ଲକ୍ଷ୍ୟ ହାସଲ ପାଇଁ ଯୋଜନାରେ ଥିବା ବିଭିନ୍ନ କାର୍ଯ୍ୟକ୍ରମ ବାବଦ ଆବଶ୍ୟକ ଅର୍ଥର ବ୍ୟବସ୍ଥା କରାଯିବ । ଟିକସ ଓ ଅଣଟିକସ ସୂତ୍ରରୁ ରାଜସ୍ୱ ବୃଦ୍ଧି କରି, ଟିକସ ଆଦାୟ ବ୍ୟବସ୍ଥାରେ ଖିଲାପ ନକରି ଆବଶ୍ୟକ ପରିମାଣର ସମ୍ବଳ ସଂଗ୍ରହୀତ ହୋଇପାରିବ । ଦୈନିକ କାର୍ଯ୍ୟ ପରିଚାଳନାରେ ସରକାରଙ୍କ ଖର୍ଚ୍ଚ କମାଇବା ଦିଗରେ ଉଲ୍ଲେଖଯୋଗ୍ୟ ସାଫଲ୍ୟ ହାସଲ କରାଯାଇଛି । ମାନ୍ୟବର ସଭ୍ୟମାନଙ୍କର ଅବଗତି ପାଇଁ ମୁଁ ଜଣାଇବାକୁ ଚାହେଁ ଏ ସରକାରଙ୍କର ଆର୍ଥିକ ଶୃଙ୍ଖଳା ଓ ସଂଯମ ଫଳରେ 1990-91 ବର୍ଷରେ 60 କୋଟି ଟଙ୍କାର ଅଣଯୋଜନା (Non-Plan Expenditure) ବାବଦ ଅର୍ଥର ସଞ୍ଚୟ କରାଯାଇ ପାରିଛି । ସରକାରୀ କାର୍ଯ୍ୟ ପରିଚାଳନାରେ ଏହି ଆର୍ଥିକ ସଂଯମ ଅବ୍ୟାହତ ରହିବ ଏବଂ ଏହାର ଫଳ ସ୍ୱରୂପ ବଜେଟ୍‌ରେ ନିଅଣ୍ଟିଆ ବ୍ୟବସ୍ଥାର ଅବକାଶ ରହିବ ନାହିଁ । ଉତ୍ତରାଧିକାର ସୂତ୍ରେ ପାଇଥିବା 137·10 କୋଟି ଟଙ୍କାର ପ୍ରାରମ୍ଭିକ ନିଅଣ୍ଟ ସତ୍ତ୍ୱେ ରାଜସ୍ୱ ଖର୍ଚ୍ଚ ଯଥା ସମ୍ଭବ ଶୃଙ୍ଖଳିତ କରିବା ଦ୍ୱାରା ସଞ୍ଚିତ ହୋଇଥିବା ସମ୍ବଳକୁ ଆମେ ରାଜ୍ୟ ଯୋଜନା ଖର୍ଚ୍ଚରେ ବିନିଯୋଗ କରିଛୁ ।

6. ମାନ୍ୟବର ସଭ୍ୟମାନେ ଅବଗତ ଅଛନ୍ତି ଯେ ଉପସାଗରୀୟ ଯୁଦ୍ଧ ଫଳରେ ସାରା ବିଶ୍ୱରେ ଆଜି ଏକ ଅନିଶ୍ଚିତ ଏବଂ ଉଦ୍‌ବେଗମୟ ପରିସ୍ଥିତି ସୃଷ୍ଟି ହୋଇଛି । ଆମ

ଦେଶର ଅର୍ଥନୀତି ଓ ଜନ ଜୀବନକୁ ମଧ୍ୟ ଏହା ଯଥେଷ୍ଟ ପ୍ରଭାବିତ କରିଛି । ସୁତରାଂ ସମ୍ବଳ ସଂଗ୍ରହ କ୍ଷେତ୍ରରେ କିଛି ଅସୁବିଧା ହୋଇପାରେ । ସେଥିପାଇଁ ଆମକୁ ବହୁ କ୍ଷେତ୍ରରେ ସଂଯମ ଆଚରଣ କରିବାକୁ ପଡ଼ିବ । କିନ୍ତୁ ଯୋଜନା ଓ ବିକାଶୋନ୍ମୁଖୀ କାର୍ଯ୍ୟକ୍ରମରେ ଯେପରି ମନ୍ଥରତା ପ୍ରକାଶ ନପାଏ ସେଥିପାଇଁ ବ୍ୟବସ୍ଥା କରାଯାଇଛି ଏବଂ ଏହି ପ୍ରଚେଷ୍ଟା ଯେପରି ଅବ୍ୟାହତ ରହେ ତାହା ପାଇଁ ସତର୍କ ଦୃଷ୍ଟି ଦିଆଯିବ ଏବଂ ଯାବତୀୟ ସୌଖୀନ ଖର୍ଚ୍ଚରୁ ନିବୃତ୍ତ ରହିବାକୁ ପଡ଼ିବ । ମୁଁ ମାନ୍ୟବର ସଭ୍ୟମାନଙ୍କୁ ପୂର୍ବରୁ ସୂଚନା ଦେଇଛି ଯେ ଅଣଯୋଜନା କ୍ଷେତ୍ରରେ ଆମେ ଚଳିତ ବର୍ଷ ବହୁ ଅନିର୍ବାର୍ଯ୍ୟ ଖର୍ଚ୍ଚର ଆବଶ୍ୟକତା ସତ୍ତ୍ୱେ ଏକକାଳୀନ ବ୍ୟୟ ବ୍ୟବସ୍ଥାରୁ ପ୍ରାୟ 60 କୋଟି ଟଙ୍କାର ସଞ୍ଚୟ କରିପାରିଛୁ ଏବଂ ଆସନ୍ତା 1991-92 ଆର୍ଥିକ ବର୍ଷ ପାଇଁ ଯୋଜନା କମିଶନଙ୍କ ସଙ୍ଗେ ପରାମର୍ଶ କରି ନିର୍ଦ୍ଧାରିତ କରାଯାଇଥିବା ଅଣଯୋଜନା ଖର୍ଚ୍ଚରୁ 40 କୋଟି ଟଙ୍କାର କମ୍ ବ୍ୟୟ ବରାଦ କରିଅଛୁ । ଅଣଯୋଜନା କ୍ଷେତ୍ରରେ ମିତବ୍ୟୟିତା ଅବଲମ୍ବନ କିପରି ଭାବରେ କରାଯାଇଛି ମାନ୍ୟବର ସଭ୍ୟମାନେ ଏଥିରୁ ତାହା ସ୍ପଷ୍ଟ ଭାବରେ ବୁଝିପାରିବେ ।

7. 1990-91 ଆର୍ଥିକ ବର୍ଷର ବଜେଟ୍ ଏହି ଗୃହରେ ଉପସ୍ଥାପନ କଲାବେଳେ 135 କୋଟି ଟଙ୍କାର ଏକ ପ୍ରାରମ୍ଭିକ ନିଅଣ୍ଟ ଦର୍ଶାଯାଇଥିଲା । କିନ୍ତୁ ପରେ ଭାରତୀୟ ରିଜର୍ଭ ବ୍ୟାଙ୍କର ହିସାବ ଅନୁସାରେ ଏହା 137·10କୋଟି ବୋଲି ଜଣାପଡ଼ିଥିଲା । ତେବେ 1990-91 ମସିହାର ବଜେଟ୍ ଶେଷକୁ ଏହି ନିଅଣ୍ଟ ପୂର୍ଣ୍ଣ ମାତ୍ରାରେ ଭରଣା କରାଯିବ ବୋଲି ଅଟକଳ କରାଯାଇଥିଲା । ମୁଁ ଏଠାରେ ସୂଚାଇ ଦେବାକୁ ଚାହେଁ ଯେ ଚଳିତ 1990-91 ବଜେଟ୍‌ରେ ଆଶା କରାଯାଇଥିବା କେତେକ ସୂତ୍ରରୁ ସମ୍ବଳ ସଂଗ୍ରହ କରାଯାଇ ପାରି ନ ଥିଲେ ମଧ୍ୟ ବର୍ଷ ଶେଷରେ ଯେପରି କୌଣସି ନିଅଣ୍ଟ ନ ରହେ ସେଥିପାଇଁ ମୁଁ ଆନ୍ତରିକ ଉଦ୍ୟମ କରିଛି । ଫଳ ସ୍ୱରୂପ 1990-91 ବର୍ଷର ସଂଶୋଧିତ ଅଟକଳରେ ବିଗତ କେତେ ବର୍ଷ ଧରି ଗଡ଼ି ଆସୁଥିବା ନିଅଣ୍ଟକୁ ପୂର୍ଣ୍ଣ ମାତ୍ରାରେ ଏଡ଼ାଇ ଦିଆଯାଇ ପାରିଛି । ତେଣୁ ଏହା ନିଶ୍ଚୟ ସ୍ୱାଗତଯୋଗ୍ୟ ଯେ 1991-92 ଆର୍ଥିକ ବର୍ଷର ବଜେଟ୍ ପ୍ରାରମ୍ଭରେ ଉପେକ୍ଷଣୀୟ (Negligible) ପ୍ରାୟ ଏକ ଲକ୍ଷ ଟଙ୍କାକୁ ବାଦ୍ ଦେଲେ କୌଣସି ନିଅଣ୍ଟ କିମ୍ବା ବଳକା ସମ୍ବଳ ହିସାବକୁ ନିଆଯାଇ ନାହିଁ ।

8. ମୁଁ ଆଗରୁ କହି ସାରିଛି ଯେ ଚଳିତ ଆର୍ଥିକ ବର୍ଷର ପ୍ରାରମ୍ଭିକ ନିଅଣ୍ଟ 137 କୋଟି 10 ଲକ୍ଷ ଟଙ୍କାକୁ ପୂର୍ଣ୍ଣ ମାତ୍ରାରେ ଭରଣା କରି ଏ ବର୍ଷର ସଂଶୋଧିତ ଅଟକଳ ଓ ଆସନ୍ତା ବର୍ଷର ବଜେଟ୍ ପ୍ରସ୍ତୁତ କରିବା ନିମିତ୍ତ ଆମେ ପ୍ରୟାସ କରିଛୁ । ଏହି 137 କୋଟି 10 ଲକ୍ଷ ଟଙ୍କା ନିଅଣ୍ଟକୁ ପୂର୍ଣ୍ଣ ମାତ୍ରାରେ ଭରଣା କରିବା ନିମିତ୍ତ ଏବଂ ରାଜ୍ୟ ଯୋଜନା ବାବଦକୁ 250 କୋଟି ଟଙ୍କାର ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଯ୍ୟ ମିଳିବ ବୋଲି ଆଶା କରାଯାଉଥିଲା । ଏ ପର୍ଯ୍ୟନ୍ତ ଆମେ କେବଳ 100 କୋଟି ଟଙ୍କା ସାଧନୋପାୟ ଋଣ (Ways and Means Advance) ଆକାରରେ ପାଇଛୁ । ଅବଶିଷ୍ଟ ଟଙ୍କା ପାଇବା ପାଇଁ ଆମର ଚେଷ୍ଟା ଜାରି ରହିଛି । ଚଳିତ ବର୍ଷ ବଜେଟ୍ ପ୍ରତ୍ୟାଶିତ କିଛି ଅର୍ଥ ବିଶେଷତଃ ରାଜ୍ୟ ଯୋଜନା ପାଇଁ ଉଦ୍ଦିଷ୍ଟ କେନ୍ଦ୍ରୀୟ ଅନୁଦାନ ନ ମିଳିବାର ଆଶଙ୍କା ହେଉଥିବାରୁ 1990-91 ବର୍ଷର ସଂଶୋଧିତ ଅଟକଳରେ ରାଜ୍ୟ ଯୋଜନା ବାବଦ ବ୍ୟୟ 1,250 କୋଟି ଟଙ୍କା ପରିବର୍ତ୍ତେ 1,125 କୋଟି ଟଙ୍କା ରଖାଯାଇଅଛି ।

9. 1991-92 ବର୍ଷର ଅଣଯୋଜନା କ୍ଷେତ୍ରରେ ବରାଦ କରାଯାଇଥିବା ବ୍ୟୟର କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ମୁଁ ଏଠାରେ ମାନ୍ୟବର ସଭ୍ୟମାନଙ୍କର ଅବଗତି ନିମନ୍ତେ ସୂଚାଇ ଦେବା ଉଚିତ ମନେ କରୁଅଛି । ସମୁଦାୟ 2,490 କୋଟି 80 ଲକ୍ଷ ଟଙ୍କାର ବ୍ୟୟ ବରାଦ ଅଣଯୋଜନା ବଜେଟ୍ ଅଟକଳରେ ସ୍ଥାନ ପାଇଛି । ତନ୍ମଧ୍ୟରୁ ଋଣ ବାବଦକୁ ସୁଧ ଆକାରରେ ଖର୍ଚ୍ଚ ହେବ 508 କୋଟି 5 ଲକ୍ଷ ଟଙ୍କା । ଦୈନନ୍ଦିନ ସାଧନୋପାୟ ଅଗ୍ରୀମ (Ways and Means Advance)ର ପରିଶୋଧ ବାବଦରେ 700 କୋଟି ଟଙ୍କାର ଖର୍ଚ୍ଚ ମଧ୍ୟ ଏହି ଅଟକଳର ଅନ୍ତର୍ଭୁକ୍ତ । ଅନ୍ୟାନ୍ୟ ଅଣଯୋଜନା ଖର୍ଚ୍ଚ ମଧ୍ୟରେ ଋଣ ପରିଶୋଧ ବାବଦକୁ 203 କୋଟି 5 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ଅବଶିଷ୍ଟ 1,479 କୋଟି 70 ଲକ୍ଷ ଟଙ୍କା ସରକାରଙ୍କ ବିଭିନ୍ନ ବିଭାଗମାନଙ୍କ ଜରିଆରେ ବ୍ୟୟ କରାଯିବ । ମାନ୍ୟବର ସଭ୍ୟମାନେ ଜାଣନ୍ତି ଯେ ନବମ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ଏକ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠି ଗଠନ କରାଯିବ ଏବଂ ଏହି ପାଣ୍ଠିକୁ ଓଡ଼ିଶା ସରକାର 11 କୋଟି 75 ଲକ୍ଷ ଟଙ୍କା ଏବଂ ଭାରତ ସରକାର 35 କୋଟି 25 ଲକ୍ଷ ଟଙ୍କା ଦେବା ପାଇଁ ବଜେଟ୍‌ରେ ବ୍ୟବସ୍ଥା ରଖିବେ । ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ନିୟମ ଅନୁଯାୟୀ ଏହି ପାଣ୍ଠି ପରିଚାଳନା ନିମିତ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଢ଼ାଯିବ ଏବଂ ଏହି କମିଟିର ସୁପାରିଶ

ଅନୁସାରେ ପ୍ରାକୃତିକ ବିପର୍ଯ୍ୟୟଜନିତ କ୍ଷୟକ୍ଷତିର ଯଥାସମ୍ଭବ ସହାୟତା ଏବଂ ପୁନରୁଦ୍ଧାର ବାବଦକୁ ଖର୍ଚ୍ଚ କରାଯିବ । 1991-92 ଆର୍ଥିକ ବର୍ଷର ବଜେଟ୍‌ରେ ଏଥି ନିମିତ୍ତ ମଧ୍ୟ 47 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହାଦ୍ୱାରା ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆଉ ଆକସ୍ମିକ ପାଣ୍ଠି (Contingency Fund)ରୁ ସହାୟତା ପ୍ରାୟତଃ ଲୋଡ଼ିବାକୁ ପଡ଼ିବ ନାହିଁ । ଏତଦ୍ ବ୍ୟତୀତ ବୃହତ୍ ଓ ମଧ୍ୟମ ଜଳସେଚନ ଯୋଜନା, ରାସ୍ତାଘାଟ, ବନ୍ଧବାଡ଼ଗୁଡ଼ିକର ରକ୍ଷଣାବେକ୍ଷଣ ଓ ବନ୍ୟା ନିୟନ୍ତ୍ରଣ ନିମିତ୍ତ ଆସନ୍ତା ବର୍ଷ ବଜେଟ୍‌ରେ ଯଥେଷ୍ଟ ଅଧିକ ଅର୍ଥ ବରାଦ କରାଯାଇଛି । ସହରାଞ୍ଚଳର ସ୍ୱାୟତ୍ତଶାସିତ ସଂସ୍ଥାମାନଙ୍କ ଅଧୀନରେ ଥିବା ରାସ୍ତାଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଏଯାବତ୍ ଦିଆହୋଇ ଆସୁଥିବା ଅର୍ଥର ପରିମାଣକୁ ମଧ୍ୟ ଏହି ବଜେଟ୍‌ରେ ବୃଦ୍ଧି କରାଯାଇଛି । ରାଜ୍ୟର ବୃଦ୍ଧ, ବିକଳାଙ୍ଗ ଓ ବିଧବାମାନଙ୍କ ପାଇଁ ମାସିକ 100 ଟଙ୍କା ହାରରେ ପେନ୍‌ସନ୍ ଦେବା କଥା ଆମ ସରକାର ଆଗରୁ ଘୋଷଣା କରିଛନ୍ତି । ଆସନ୍ତା ଆର୍ଥିକ ବର୍ଷରୁ 60 ବର୍ଷରୁ ଊର୍ଦ୍ଧ୍ୱ ନାମମାତ୍ର ଓ ଅକର୍ମଣ୍ୟ ଚାଷୀମାନଙ୍କୁ ମଧ୍ୟ ପେନ୍‌ସନ୍ ଦେବା ପାଇଁ ବଜେଟ୍‌ରେ ଅଟକଳ ରଖାଯାଇଛି ।

10. କେନ୍ଦ୍ରୀୟ ଟିକସ ବାବଦରୁ ପ୍ରାପ୍ୟ ଅଂଶ ଓ ଅଣଯୋଜନା ବାବଦ ପ୍ରାପ୍ୟ ବିଭିନ୍ନ ଅନୁଦାନ ମଧ୍ୟ ଏହି 1991-92 ବଜେଟ୍ ଅଟକଳରେ ସ୍ଥାନ ପାଇଛି । ଏଠାରେ ମାନ୍ୟବର ସଭ୍ୟମାନଙ୍କୁ ମୁଁ ସୂଚାଇ ଦେବାକୁ ଚାହେଁ ଯେ ଯୋଜନା ବାବଦରେ ପୂର୍ବରୁ ରାଜ୍ୟମାନଙ୍କୁ ଦିଆଯାଇଥିବା ସାହାଯ୍ୟ (ଋଣ ଓ ଅନୁଦାନ) ଗାଡ୍‌ଗିଲ୍ ଫର୍ମୁଲା ଅନୁସାରେ ଦିଆଯାଉଥିଲା । ଆସନ୍ତା ବର୍ଷଠାରୁ ଏହି ପ୍ରଚଳିତ ଫର୍ମୁଲାର ପରିବର୍ତ୍ତନ କରାଯାଇଛି ଏବଂ ସେଥିସକାଶେ ଓଡ଼ିଶାକୁ କେନ୍ଦ୍ରରୁ କିଛି ପରିମାଣରେ ଅଧିକ ସାହାଯ୍ୟ ମିଳିପାରିଛି । ଏହା ବ୍ୟତୀତ ରାଜ୍ୟ ସରକାରଙ୍କ ନିଜସ୍ୱ ଟିକସ ଓ ଅଣଟିକସ ବାବଦ ପ୍ରାପ୍ୟ ଆୟରେ ଯଥାସମ୍ଭବ ବୃଦ୍ଧି ଘଟାଇ ବଜେଟ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି । ଅର୍ଥ କମିଶନଙ୍କ ଦ୍ୱାରା ଅଣଯୋଜନା ଖର୍ଚ୍ଚକୁ ଆୟତ୍ତ କରିବାକୁ ଯେଉଁ ସୀମା ଧାର୍ଯ୍ୟ କରାଯାଇଛି ଏବଂ ଯାହାକି ଯୋଜନା କମିଶନଙ୍କ ସହିତ ମଧ୍ୟ ଆଲୋଚନା କରାଯାଇଛି ତାହାଠାରୁ 40 କୋଟି ଟଙ୍କାର ଖର୍ଚ୍ଚ କମାଇବାର ଅଟକଳ କରାଯାଇଛି । ଚଳିତ ବର୍ଷର ଅଭିଜ୍ଞତାରୁ ମୁଁ ନିଶ୍ଚିତ ଭାବେ ଆଶାବାଦୀ ଯେ ଶୃଙ୍ଖଳିତ ଓ ସଂଯତ ହୋଇ ଆମେ ଏହି ସଞ୍ଚୟ (Savings) କରିପାରିବୁ ।

11. 1991-92 ବଜେଟ୍‌ରେ ରାଜ୍ୟ ସରକାରଙ୍କର ସଙ୍ଗଠିତ ପାଣ୍ଠି (Consolidated Fund), ଆକସ୍ମିକ ପାଣ୍ଠି (Contingency Fund), ସରକାରୀ ହିସାବ (Public Account) ବାବଦରେ ବିଭିନ୍ନ ସୂତ୍ରରୁ ହୋଇଥିବା ଆୟ ଓ ବ୍ୟୟର ଏକ ବିବରଣୀ ପରିଶିଷ୍ଟ–I ରେ ଦର୍ଶାଯାଇଛି । ଏଥିରେ ସର୍ବମୋଟ୍ ଆୟ 6,722 କୋଟି 34 ଲକ୍ଷ ଟଙ୍କା ଏବଂ ସର୍ବମୋଟ୍ ବ୍ୟୟ 6,763 କୋଟି 96 ଲକ୍ଷ ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ଏହି ହିସାବ ଅନୁସାରେ 1991-92 ବର୍ଷର ବଜେଟ୍ ଅଟକଳରେ 41 କୋଟି 62 ଲକ୍ଷ ଟଙ୍କାର ନିଅଣ୍ଟ ପଡ଼ିବ । ବର୍ଷର ପ୍ରାରମ୍ଭିକ ବଳକା ଏକ ଲକ୍ଷ ଟଙ୍କା ହିସାବକୁ ନେଲେ ଏହି ନିଅଣ୍ଟର ପରିମାଣ 41 କୋଟି 61 ଲକ୍ଷ ଟଙ୍କା ହେବ ।

12. ଯୋଜନା କମିଶନଙ୍କ ନିକଟରେ ରାଜ୍ୟ ସରକାରଙ୍କ ତରଫରୁ 1,450 କୋଟି ଟଙ୍କାର ବାର୍ଷିକ ଯୋଜନା ପାଇଁ ପ୍ରସ୍ତାବ ଦିଆଯାଇଥିଲା । ଯୋଜନା କମିଶନ ଉପାଧ୍ୟକ୍ଷ ଏବଂ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ଅନୁଯାୟୀ 1991– 92 ବାର୍ଷିକ ଯୋଜନା ଅଟକଳକୁ 1,400 କୋଟି ଟଙ୍କାରେ ସୀମିତ ରଖିବା ପାଇଁ ଯୋଜନା କମିଶନ ଉପଦେଶ ଦେଇଥିଲେ । ଆହୁରି ମଧ୍ୟ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ଆଦର୍ଶ ଗ୍ରାମ ପ୍ରତିଷ୍ଠା କରିବା ପାଇଁ ଯୋଜନା କମିଶନ ଆଉ ଅଧିକା 2 କୋଟି ଟଙ୍କା ଅନୁଦାନ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ତେଣୁ 1991– 92 ବାର୍ଷିକ ଯୋଜନାର ଆକାର 1,402 କୋଟି ଟଙ୍କା ମଧ୍ୟରେ ରହିବା କଥା । କିନ୍ତୁ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ଏବଂ ଜରୁରୀ ବିକାଶମୂଳକ କାର୍ଯ୍ୟକ୍ରମ ଯେପରି ବାଧାପ୍ରାପ୍ତ ନ ହୁଏ, ସେଥିପାଇଁ ଯୋଜନା ବାବଦରେ ଆଉ 41 କୋଟି 62 ଲକ୍ଷ ଟଙ୍କାର ଅଧିକ ବ୍ୟୟ ବରାଦ କରାଯାଇଛି, ଆପାତତଃ, ଏଥିପାଇଁ ବର୍ଷ ଆରମ୍ଭରେ ନିର୍ଦ୍ଦିଷ୍ଟ ପରିମାଣର ସମ୍ବଳ ମିଳିବା ସ୍ଥିର ହୋଇ ନ ଥିଲେ ମଧ୍ୟ, ଏହି ନିଅଣ୍ଟକୁ 1991–92 ଆର୍ଥିକ ବର୍ଷ ମଧ୍ୟରେ ଭରଣା କରିବା ପାଇଁ ଆବଶ୍ୟକୀୟ ପରିମାଣର ସମ୍ବଳ ସଂଗ୍ରହ କରିବାକୁ ମୁଁ ଯଥାସାଧ୍ୟ ଚେଷ୍ଟା କରିବି । ତେଣୁ ମାନ୍ୟବର ସଭ୍ୟମାନେ ଏହି ନିଅଣ୍ଟ ନିମିତ୍ତ ଚିନ୍ତିତ ହେବାର କୌଣସି କାରଣ ନାହିଁ ।

13. ବର୍ତ୍ତମାନ ମୁଁ 1991–92 ମସିହା ପାଇଁ ଯୋଜନା ଅଟକଳର ଏକ ବିବରଣୀ ପ୍ରଦାନ କରିବାକୁ ଯାଉଛି । ରାଜ୍ୟ ସରକାରଙ୍କର ନିଜସ୍ୱ ଟିକସ (State's own tax) ଓ ଅଣ ଟିକସ (Non-tax) ବାବଦକୁ ଆୟ ଓ କେନ୍ଦ୍ର ସରକାରଙ୍କ

ଟିକସରୁ ଆମ ରାଜ୍ୟର ପ୍ରାପ୍ତି ଅଂଶ ଓ ଅଣ ଯୋଜନା ପୁଞ୍ଜି ଆୟ ପ୍ରଭୃତିକୁ ହିସାବକୁ ନେଇ ଋଣ ପରିଶୋଧ ସମେତ ଅଣ ଯୋଜନା ଖର୍ଚ୍ଚର ଆବଶ୍ୟକତା ମେଣ୍ଟାଇ ସାରିଲା ପରେ ଯୋଜନା ନିମିତ୍ତ ଆମ ନିକଟରେ କୌଣସି ବଳକା ସମ୍ବଳ ରହୁନାହିଁ। ବରଂ, ଅଣ ଯୋଜନା ବାବଦରେ ଅଣ୍ଟନ୍ତି ମେଣ୍ଟାଇବା ପାଇଁ ଆମର 351 କୋଟି 99 ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି। ରାଜ୍ୟ ଯୋଜନା ନିମିତ୍ତ କେନ୍ଦ୍ର ସରକାର 58 କୋଟି 28 ଲକ୍ଷ ଟଙ୍କାର ଏକ ଅନୁଦାନ ନବମ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ଯୋଗାଇ ଦେବେ। ଯୋଜନା ଖର୍ଚ୍ଚ ତୁଲାଇବା ନିମିତ୍ତ ଖୋଲା ବଜାରରୁ 246 କୋଟି 87 ଲକ୍ଷ ଟଙ୍କା, ସ୍ୱଳ୍ପ ସଞ୍ଚୟ ଯୋଜନା ଜରିଆରେ 176 କୋଟି ଟଙ୍କା ଏବଂ ଅନ୍ୟାନ୍ୟ ଆର୍ଥିକ ଅନୁଷ୍ଠାନମାନଙ୍କଠାରୁ 18 କୋଟି 15 ଲକ୍ଷ ଟଙ୍କା ଋଣ କରିବାକୁ ପଡ଼ିବ। ପରିବର୍ତ୍ତିତ ଗାଡ଼ଗିଲ ଫର୍ମୁଲା ଅନୁସାରେ 1991-92 ଆର୍ଥିକ ବର୍ଷ ନିମିତ୍ତ କେନ୍ଦ୍ର ସରକାର ରାଜ୍ୟ ଯୋଜନା ବାବଦକୁ 320 କୋଟି 85 ଲକ୍ଷ ଟଙ୍କା ଦେବେ ଯାହାକି ଶତକଡ଼ା 70 ଭାଗ ଋଣ ଏବଂ 30 ଭାଗ ଅନୁଦାନ ଆକାରରେ ମିଳିବ। ବୈଦେଶିକ ସାହାଯ୍ୟପ୍ରାପ୍ତ ପ୍ରକଳ୍ପଗୁଡ଼ିକ ନିମିତ୍ତ 90 କୋଟି ଟଙ୍କା ମିଳିବ ବୋଲି ଅଟକଳ କରାଯାଇଛି। ସରକାରୀ କର୍ମଚାରୀ ଭବିଷ୍ୟନିଧି ପାଣ୍ଠିରୁ ଉଦ୍‌ବୃତ୍ତ ନିଟ୍ 168 କୋଟି 50 ଲକ୍ଷ ଟଙ୍କା ଯୋଜନା ଖର୍ଚ୍ଚରେ ବ୍ୟବହୃତ ହେବ। ଏ ସବୁ ସତ୍ତ୍ୱେ ଅଣ ଯୋଜନା ବାବଦ ନିଅଣ ଭରଣା କଲାପରେ ଯୋଜନା ନିମିତ୍ତ ସମ୍ବଳ ମାତ୍ର 726 କୋଟି 66 ଲକ୍ଷ ଟଙ୍କା ହୋଇପାରୁଛି। ଏହା ବାହାରେ, କେନ୍ଦ୍ର ସରକାରଙ୍କଠାରୁ ଆଉ ଅଧିକ 150 କୋଟି ଟଙ୍କା ସ୍ୱତନ୍ତ୍ର ଋଣ ଏବଂ 2 କୋଟି ଟଙ୍କା ସ୍ୱତନ୍ତ୍ର ଅନୁଦାନ ମିଳିବ [illegible]। ଯୋଜନା କମିଶନ ଉପାଧ୍ୟକ୍ଷ ଓ ଆମର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ଆଲୋଚନା ମୁତାବକ ସ୍ଥିରିକୃତ 1,402 କୋଟି ଟଙ୍କାର ରାଜ୍ୟ ଯୋଜନା ବାବଦକୁ ବ୍ୟୟ ବରାଦ କରିବାକୁ ହେଲେ ରାଜ୍ୟ ସରକାରଙ୍କ ବଜେଟ୍‌ରେ 415 କୋଟି 75 ଲକ୍ଷ ଟଙ୍କାର ଅତିରିକ୍ତ ସମ୍ବଳ ସଂଗ୍ରହ କରିବାକୁ ପଡ଼ିବ। ଏହି ଅତିରିକ୍ତ ସମ୍ବଳ 1990-91 ଆର୍ଥିକ ବର୍ଷରେ ଟିକସ ଅଣ ଟିକସ ବୃଦ୍ଧି କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ, କେନ୍ଦ୍ର ସରକାରଙ୍କ ବିଚାରାଧୀନ ପ୍ରସ୍ତାବିତ କନ୍‌ସାଇନ୍‌ମେଣ୍ଟ ଟ୍ୟାକସ୍, ନାଲକୋ ଦ୍ୱାରା ଉତ୍ପାଦିତ ବିଦ୍ୟୁତ ଉପରେ ଶୁଳ୍କରେ ହାର ବୃଦ୍ଧି, ଅଣଯୋଜନା ଖର୍ଚ୍ଚରେ ମିତବ୍ୟୟିତା, ରାଜସ୍ୱର ପ୍ଲବତା (buoyancy) ଓ ଆଦାୟ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ମାଧ୍ୟମରେ ସଂଗୃହୀତ ହେବ। ଏହିପରି ଭାବେ ରାଜ୍ୟ ସରକାରଙ୍କର ବଜେଟ୍‌ରେ ଯୋଜନା ନିମିତ୍ତ 1,294

କୋଟି 41 ଲକ୍ଷ ଟଙ୍କାର ସଫଳ ସଂଗୃହୀତ ହେବାର ଅଟକଳ କରାଯାଇଛି । ଏତଦ୍ ବ୍ୟତୀତ ରାଜ୍ୟ ବିଦ୍ୟୁତ ବୋର୍ଡ଼, ପରିବହନ ନିଗମ ଓ ପୌର ସଂସ୍ଥାମାନେ ନିଜ ନିଜ ବଜେଟ୍‌ରେ ଯଥାକ୍ରମେ 88 କୋଟି 61 ଲକ୍ଷ, 15 କୋଟି 75 ଲକ୍ଷ ଏବଂ 3 କୋଟି 23 ଲକ୍ଷ ଟଙ୍କାର ସଫଳ ସୃଷ୍ଟି କରିବେ । ତେଣୁ ରାଜ୍ୟର ପୂର୍ଣ୍ଣାଙ୍ଗ ଯୋଜନା ଅଟକଳ 1,402 କୋଟି ଟଙ୍କାରେ ହେବା କଥା । କିନ୍ତୁ ପୂର୍ବୋକ୍ତ ଅନିବାର୍ଯ୍ୟ କାରଣ ଯୋଗୁଁ 1991-92 ବର୍ଷର ପୂର୍ଣ୍ଣାଙ୍ଗ ରାଜ୍ୟ ଯୋଜନାର ଅଟକଳ 1,443 କୋଟି 62 ଲକ୍ଷ ଟଙ୍କାକୁ ବଢ଼ାଇବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଲେ ଏବଂ ସେହି ଅନୁସାରେ ବଜେଟ୍‌ରେ ଯୋଜନା ବ୍ୟୟ ବରାଦ ରଖାଯାଇଛି ।

ଏହାଛଡ଼ା ଆଦିବାସୀ ବହୁଳ ଅଞ୍ଚଳରେ ଉନ୍ନତି ନିମିତ୍ତ ମିଳୁଥିବା 39 କୋଟି 33 ଲକ୍ଷ ଟଙ୍କାର ଏକ ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଯ୍ୟ ଓ କର୍ମଚାରୀ ବୀମା ନିଗମ ଓ UNICEFରୁ ମିଳୁଥିବା 2 କୋଟି 16 ଲକ୍ଷ ଟଙ୍କାର ସାହାଯ୍ୟର ବିନିଯୋଗ ନିମିତ୍ତ ରାଜ୍ୟ ଯୋଜନା ବଜେଟ୍‌ରେ ଉପଯୁକ୍ତ ବ୍ୟୟ ବରାଦ କରାଯାଇଛି ।

14. ଉପରୋକ୍ତ 1,443 କୋଟି 62 ଲକ୍ଷ ଟଙ୍କାର ଯୋଜନା ଅଟକଳ ବିଭିନ୍ନ ଉନ୍ନୟନମୂଳକ କ୍ଷେତ୍ରରେ କିପରି ଭାବରେ ବିନିଯୋଗ କରାଯିବ ତାହା ନିମ୍ନରେ ପ୍ରଦତ୍ତ ହେଲା :

| | | (ଲକ୍ଷ ଟଙ୍କାରେ) |
|---|---|---|
| 1. | କୃଷି ଓ ଆନୁସଙ୍ଗିକ କାର୍ଯ୍ୟ | 13,735·00 |
| 2. | ଗ୍ରାମ ଉନ୍ନୟନ | 8,372·00 |
| 3. | ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ | 32,053·00 |
| 4. | ଶିଳ୍ପ ଓ ଖଣିଜ ପଦାର୍ଥ | 10,224·68 |
| 5. | ପରିବହନ (ଏଥିରେ ରାଜ୍ୟପରିବହନ ନିଗମର ଅଂଶ 1,575·00) | 11,311·00 |
| 6. | ଶକ୍ତି (ଏଥିରେ ରାଜ୍ୟ ବିଦ୍ୟୁତ ବୋର୍ଡ଼ର ଅଂଶ 8,861·00) | 48,100·00 |
| 7. | ବିଜ୍ଞାନ, ବୈଷୟିକ ବିଦ୍ୟା ଓ ପରିବେଶ | 193·00 |
| 8 | ସାଧାରଣ ଆର୍ଥିକ ସେବା | 2,044·00 |

(ଲକ୍ଷ ଟଙ୍କାରେ)

| | | |
|---|---|---|
| 9. | ସାଧାରଣ ସାମାଜିକ ସେବା | 17,505·24 |
| 10. | ସାଧାରଣ ସେବା | 824·08 |
| | | 1,44,362·00 |

15. କେନ୍ଦ୍ରୀୟ (Central) ଓ କେନ୍ଦ୍ର ପ୍ରବର୍ତ୍ତିତ (Centrally Sponsored) ଯୋଜନା ବାବଦକୁ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଯଥାକ୍ରମେ 178 କୋଟି 5 ଲକ୍ଷ ଟଙ୍କା ଓ 278 କୋଟି 19 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏଥିପାଇଁ ସମସ୍ତ ଅର୍ଥ କେନ୍ଦ୍ରରୁ ଅନୁଦାନ ବା ଋଣ ଆକାରରେ ମିଳିବ। ରାଜ୍ୟର ଆର୍ଥିକ ପରିସ୍ଥିତି ଉପରେ ଏହାର କୌଣସି ପ୍ରତିକୂଳ ପ୍ରଭାବ ଅନୁଭୂତ ହେବ ନାହିଁ।

16. ଗ୍ରାମାଞ୍ଚଳର ସାମୂହିକ ଉନ୍ନତି କରିବା ଏବଂ ବଜେଟ୍‌ର ଏକ ମୁଖ୍ୟ ଅଂଶକୁ ଏହି ଉଦ୍ଦେଶ୍ୟରେ ବ୍ୟବହାର କରିବା ଆମ ସରକାରଙ୍କ ସ୍ୱତନ୍ତ୍ର ଆଭିମୁଖ୍ୟ। ଗ୍ରାମାଞ୍ଚଳର ଉନ୍ନତି ବିନା ରାଜ୍ୟର ଉନ୍ନତି ଚିନ୍ତା କରାଯାଇ ନ ପାରେ। ମାନ୍ୟବର ସଭ୍ୟମାନେ ଜାଣନ୍ତି ଯେ ଗ୍ରାମାଞ୍ଚଳର ରାସ୍ତାଘାଟରେ ଉନ୍ନତି, କ୍ଷୁଦ୍ର ଓ ଉଠା ଜଳସେଚନର ବିକାଶ ଏବଂ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସୁପରିଚାଳନା କରିବା ନିମିତ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ନାମରେ ଏକ ସ୍ୱତନ୍ତ୍ର ବିଭାଗ ଏହି ସରକାର ଅମଳରେ ଗଠନ କରାଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗମାନଙ୍କର ବଜେଟ୍ ଅଟକଳକୁ ଅନୁଧ୍ୟାନ କଲେ ଦେଖାଯିବ ଯେ ସମୁଦାୟ ଅର୍ଥର ଶତକଡ଼ା ପ୍ରାୟ 54 ଭାଗ କେବଳ ଗ୍ରାମାଞ୍ଚଳର ଉନ୍ନତି ପାଇଁ ଉଦ୍ଦିଷ୍ଟ। ଉନ୍ନୟନ କାର୍ଯ୍ୟକ୍ରମକୁ ଯଥା ସମୟରେ ଏବଂ ସଫଳ ଭାବରେ କରିବା ପାଇଁ ଯେଉଁ ପ୍ରଶାସନିକ ତତ୍ପରତା ଓ ଦକ୍ଷତାର ଅଭାବ ରାଜ୍ୟବାସୀ ଆଗରୁ ଉପଲବ୍ଧି କରୁଥିଲେ ଏ ସରକାର ତାହାର ନିରାକରଣ କରିବା ପାଇଁ ନିର୍ଦ୍ଦିଷ୍ଟ ପଦକ୍ଷେପ ନେଇଛନ୍ତି। କେତେକ ବଡ଼ ବଡ଼ ବିଭାଗରେ ସମସ୍ୟାନୁକ୍ରମେ ସ୍ଥାଣୁତା ଦେଖାଯାଇଥିବାରୁ ପୃଥକ୍ ପୃଥକ୍ ଭାବେ ସ୍ୱତନ୍ତ୍ର ବିଭାଗ ସୃଷ୍ଟି କରାଯାଇ ମତ୍ସ୍ୟ ଓ ପଶୁ ପାଳନ, ସମବାୟ, ପର୍ଯ୍ୟଟନ, ବୟନ ଶିଳ୍ପ, ଶକ୍ତି ଇତ୍ୟାଦିର କାର୍ଯ୍ୟ ପ୍ରତି ଅଧିକ ଧ୍ୟାନ ଦିଆଯାଇଛି। ପଞ୍ଚବାର୍ଷିକ ଓ ବାର୍ଷିକ ଯୋଜନାକୁ ଚୂଡ଼ାନ୍ତ କରି ବାସ୍ତବରେ କାର୍ଯ୍ୟକାରୀ

କରିବା ଉଦ୍ଦେଶ୍ୟରେ କ୍ଷମତା ବିକେନ୍ଦ୍ରୀକରଣ କରାଯାଇ ରାଜ୍ୟ ଓ ଜିଲ୍ଲା ସ୍ତରରେ ଯୋଜନା ବୋର୍ଡ଼ମାନଙ୍କୁ ଅଧିକ ସକ୍ରିୟ କରାଯାଇଅଛି । ପୁଣି ଜିଲ୍ଲା ପରିଷଦମାନ ଗଠନ କରି ସ୍ଥାନୀୟ ସ୍ୱାୟତ୍ତ ଶାସନର ବ୍ୟବସ୍ଥା କରିବା ଏବଂ ପରିଷଦମାନଙ୍କୁ ଜିଲ୍ଲା ପାଇଁ ସରକାର ଭାବେ କାର୍ଯ୍ୟ କରିବାର କ୍ଷମତା ଏବଂ ସମ୍ବଳ ମଧ୍ୟ ଦେବାର ବ୍ୟବସ୍ଥା ଅଚିରେ କାର୍ଯ୍ୟକାରୀ କରିବେ ବୋଲି ସରକାର ବିଚାର କରୁଛନ୍ତି ।

17. ଆମ ରାଜ୍ୟରେ ସରକାରୀ ଉଦ୍ୟୋଗରେ ଅନେକଗୁଡ଼ିଏ ବୋର୍ଡ଼ ଏବଂ କର୍ପୋରେସନ୍ ଗଠନ କରାଯାଇଛି । ତନ୍ମଧ୍ୟରୁ କେତେକ ଲାଭ କରି ସରକାରଙ୍କୁ ସାହାଯ୍ୟ କରୁଛନ୍ତି । ମାତ୍ର ଏଥିରୁ ଅଧିକାଂଶ ସଂସ୍ଥା ପରିଚାଳନାଗତ ତ୍ରୁଟି ଏବଂ ଅନ୍ୟାନ୍ୟ ବହୁ କାରଣରୁ ରୁଗ୍ଣ ହୋଇ ପଡ଼ିଛନ୍ତି । ଏହି ଅବସ୍ଥାକୁ ସୁଧାରିବା ହଠାତ୍ ସମ୍ଭବପର ନହେଲେ ବି ପ୍ରତିକାର ଉଦ୍ଦେଶ୍ୟରେ କେତେ ଗୁଡ଼ିଏ କର୍ପୋରେସନର ଏକତ୍ରୀକରଣ କରାଯାଇଛି । ସରକାରୀ ଉଦ୍ୟୋଗ ଓ ନିଗମମାନଙ୍କର ପୁନର୍ବିନ୍ୟାସ ତଥା ପରିଚାଳନାକୁ ଗତାନୁଗତିକାପ୍ରବାହରୁ ମୁକ୍ତ କରି ନୂତନ ଦୃଷ୍ଟିକୋଣରୁ ତଦାରଖ କରିବା ନିମିତ୍ତ ସରକାର ପବ୍ଲିକ୍ ଅଣ୍ଡରଟେକିଙ୍ଗ୍ ବିଭାଗ ନାମରେ ଆଉ ଏକ ସ୍ୱତନ୍ତ୍ର ବିଭାଗ ମଧ୍ୟ ଚଳିତ ଆର୍ଥିକ ବର୍ଷରେ ସୃଷ୍ଟି କରିଛନ୍ତି । ଏହା ଫଳରେ ଲାଭକୁ ଆଖି ଆଗରେ ରଖି ବ୍ୟୟ କରିବା, ପରିହାର୍ଯ୍ୟ ସୌଖିନ ଖର୍ଚ୍ଚକୁ ସମ୍ପୂର୍ଣ୍ଣ ବର୍ଜନ କରିବା ଇତ୍ୟାଦି ଲକ୍ଷ୍ୟ ହାସଲ ହେବା ସଙ୍ଗେ ସଙ୍ଗେ ସମ୍ପୃକ୍ତ କର୍ତ୍ତୃପକ୍ଷ ଏବଂ କର୍ମଚାରୀମାନଙ୍କର Public Accountability ରହିବ । ଅବଶ୍ୟ ଏହା ଆଶା କରିବା ଭୁଲ୍ ହେବ ଯେ ଏକା ବର୍ଷରେ କୋଟି କୋଟି ଟଙ୍କା କ୍ଷତିରେ ଚାଲୁଥିବା ସଂସ୍ଥାମାନେ ଲାଭ କରିଯିବେ । କିନ୍ତୁ ଅବସ୍ଥାରେ ଯେ ଆଶାନୁରୂପ ଉନ୍ନତି ହେବ ଏବଂ କର୍ମକର୍ତ୍ତାଙ୍କ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ହେବ ଏ ବିଷୟରେ କାହାରି ସନ୍ଦେହ ନାହିଁ ।

18. ବର୍ତ୍ତମାନ ମୁଁ ବଜେଟ୍‌ରେ ଯୋଜନା ଅନ୍ତର୍ଭୁକ୍ତ ବିଭିନ୍ନ ଉନ୍ନୟନ ଓ ସମାଜସେବାମୂଳକ କାର୍ଯ୍ୟକ୍ରମ ଉପରେ ବିଶଦଭାବେ ଆଲୋକପାତ କରିବାକୁ ଚାହେଁ ।

19. ଆମ ରାଜ୍ୟର ଅର୍ଥନୀତି ଆଜି ମଧ୍ୟ କୃଷି ଉପରେ ମୁଖ୍ୟତଃ ନିର୍ଭର କରୁଛି । ସୁତରାଂ କୃଷି ଓ କୃଷକର ଉନ୍ନତିସାଧନ ଆମର ପ୍ରଥମ ଲକ୍ଷ୍ୟ ।

ଦୁର୍ଭାଗ୍ୟବଶତଃ ଆମ ରାଜ୍ୟର ଉତ୍ପାଦିକା ଶକ୍ତି (Agricultural Productivity)ସର୍ବ ଭାରତୀୟ ହାରରୁ କମ୍। ଅଗ୍ରଗଣ୍ୟ ଉନ୍ନତ ରାଜ୍ୟମାନଙ୍କ ତୁଳନାରେ ଏହା ଏକ–ତୃତୀୟାଂଶ ମାତ୍ର। ମୂଳତଃ ଏହାର କାରଣଗୁଡ଼ିକ ହେଲା (1)ପର୍ଯ୍ୟାପ୍ତ ଜଳସେଚନର ଅଭାବ (2) ଉନ୍ନତ କୃଷି ପ୍ରଣାଳୀ ଓ ଯନ୍ତ୍ରପାତି ଉପଯୋଗ କରିବାରେ ଅନଭିଜ୍ଞତା ଏବଂ (3) ବାରମ୍ବାର ବନ୍ୟା, ବାତ୍ୟା, ମରୁଡ଼ି ଆଦି ବିପର୍ଯ୍ୟୟ ହେତୁ ଫସଲ ହାନି। ଏ ସବୁ ଦୂର କରିବା ନିମିତ୍ତ ଆମ ସରକାର ଜଳସେଚନ ସୁବିଧାର ଉନ୍ନତି ବିଧାନ କରିବା, ବିଭିନ୍ନ ଅର୍ଥକରୀ ଫସଲ ବିଶେଷ କରି ଡ଼ାଲି ଏବଂ ତୈଳବୀଜ ଉତ୍ପାଦନ ନିମିତ୍ତ ପ୍ରୋତ୍ସାହନ ଦେବା ସଙ୍ଗେ ସଙ୍ଗେ ଚାଷୀମାନଙ୍କୁ ସାର ଏବଂ ଉନ୍ନତ ବିହନ ଓ କୀଟନାଶକ ଔଷଧ ଯୋଗାଇ ଦେବା ପାଇଁ ସୁବନ୍ଦୋବସ୍ତ କରୁଅଛନ୍ତି।1990–91 ମସିହାରେ 69·6 ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉତ୍ପାଦନ ପୂର୍ବ ବର୍ଷ ତୁଳନାରେ ଶତକଡ଼ା 11ଭାଗ ଅଧିକ। 1991–92ମସିହାରେ 71·20 ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉତ୍ପାଦନ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି ଡାଲି ଜାତୀୟ ଖାଦ୍ୟ ଓ ତୈଳବୀଜ ଉତ୍ପାଦନରେ 1991–92 ଆର୍ଥିକ ବର୍ଷରେ ଯଥାକ୍ରମେ 13·12ଲକ୍ଷ ଟନ୍ ଏବଂ 12·92ଲକ୍ଷ ଟନ୍ ଉତ୍ପାଦନ ହେବା ଆଶା କରାଯାଉଛି।1·94ଲକ୍ଷ ଟନ୍‌ର ବିହନ 1991–92 ମସିହାରେ ଚାଷୀଙ୍କୁ ଯୋଗାଇ ଦିଆଯିବ। ଜମିର ଉର୍ବରତା ବୃଦ୍ଧି ଦିଗରେ 3·17 ଲକ୍ଷ ଟନ୍ ସାର ପ୍ରୟୋଗ କରିବାର ଯୋଜନା ରହିଛି। N. P. D. P. (National Pulses Development Programme), O. P. P. (Oilseed Production Programme) I. P. R. D. (Integrated Programme for Rice Development), ପ୍ରଭୃତି କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାଗୁଡ଼ିକ ଦ୍ୱାରା ଚାଷୀମାନଙ୍କୁ ଚାଷ ଉପକରଣ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଫଳଚାଷ ନିମିତ୍ତ ମଧ୍ୟ 1990–91 ଆର୍ଥିକ ବର୍ଷରେ ଏକ ଲକ୍ଷ ଅତି ଉନ୍ନତ ନଡ଼ିଆ ଚାରା ରୋପଣ କରିବା ନିମିତ୍ତ ପଦକ୍ଷେପ ନିଆଯାଇଛି। ଆଦିବାସୀ ଓ ହରିଜନମାନଙ୍କୁ ଫଳ ଓ ପରିବା ଚାଷ ନିମିତ୍ତ ଉନ୍ନତ ବିହନ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ମାଗଣାରେ ଯୋଗାଇ ଦିଆଯିବ। ମାନ୍ୟବର ସଭ୍ୟମାନେ ଅବଗତ ଅଛନ୍ତି ଯେ ଏ ବର୍ଷ ଗଞ୍ଜାମ ଜିଲ୍ଲାରେ ଅଭୂତପୂର୍ବ ବନ୍ୟା ଯୋଗୁ ବ୍ୟାପକ ଫସଲ ହାନୀ ଘଟିଥିଲା। ସମ୍ପୃକ୍ତ କୃଷକମାନଙ୍କ ମନୋବଳକୁ ଫେରାଇ ଆଣିବା ନିମିତ୍ତ ବ୍ୟାପକ ରୂପେ କାର୍ଯ୍ୟକ୍ରମ ହାତକୁ ନିଆଯିବ।

20. ଆମ ସରକାର କ୍ଷମତାକୁ ଆସିବା ପୂର୍ବରୁ କୃଷି ଋଣ ଛାଡ଼ କରାଯିବ ବୋଲି ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲା ।1990-91ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କଲାବେଳେ କିପରି ଭାବରେ କୃଷି ଋଣ ଛାଡ଼ କରାଯିବ ତାହା ମାନ୍ୟବର ସଭ୍ୟମାନଙ୍କ ସମ୍ମୁଖରେ ଆଗତ କରାଯାଇଥିଲା । ଏହି ପ୍ରତିଶ୍ରୁତିକୁ ଭିତ୍ତି କରି ପ୍ରାୟ 21ଲକ୍ଷ 32ହଜାର କୃଷକଙ୍କ ଉପରୁ10,000 ଟଙ୍କା ପର୍ଯ୍ୟନ୍ତ ଋଣ ଛାଡ଼ କରାଯାଇଛି । ଅଧିକନ୍ତୁ ସମବାୟ ସମିତିମାନଙ୍କ ଠାରୁ 2-10-1989 ତାରିଖ ସୁଦ୍ଧା ଯେଉଁମାନେ ଋଣ ନେଇଥିଲେ ଏବଂ ଗୋଟିଏ ବର୍ଷର ମାତ୍ର ଫସଲ ହାନି ସହିଥିଲେ ସେପରି ପ୍ରାୟ 1 ଲକ୍ଷ 78ହଜାର କୃଷକମାନଙ୍କୁ ମଧ୍ୟ କୃଷି ଋଣ ଛାଡ଼ କରାଯିବା ନିଷ୍ପତ୍ତି ଗ୍ରହଣ କରାଯାଇଛି ।

21. ଆମ ରାଜ୍ୟର 6,559 ହଜାର ହେକ୍ଟର କୃଷ ଉପଯୋଗୀ ଜମି ମଧ୍ୟରୁ ସପ୍ତମ ପଞ୍ଚବାର୍ଷିକ ଯୋଜନା ଶେଷ ସୁଦ୍ଧା ମାତ୍ର ଶତକଡ଼ା 23·49 ଭାଗ ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପରୁ ସୁବିଧା ଲାଭ କରି ପାରିଛି । ଅଷ୍ଟମ ପଞ୍ଚବାର୍ଷିକ ଯୋଜନାରେ ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ମାନଙ୍କ ପାଇଁ 1968 କୋଟି 78 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯିବାର ଅଟକଳ ଧାର୍ଯ୍ୟ କରାଯାଇଛି । ଏହି ସମୟରେ 300·68 ହଜାର ହେକ୍ଟର ଜମିରେ ଖରିଫ୍ ଋତୁରେ ଜଳସେଚନ କରାଯିବାର ଲକ୍ଷ୍ୟ ରଖାଯାଇଛି ଏବଂ ରବି ଋତୁରେ 194·09 ହଜାର ହେକ୍ଟର ଜମିରେ ଜଳସେଚନ ପାଇଁ ପରିକଳ୍ପନା କରାଯାଇଛି । ଅଷ୍ଟମ ଯୋଜନାର ପ୍ରଥମ ବର୍ଷରେ ଅର୍ଥାତ୍ 1990-91 ମସିହାରେ 177·54 କୋଟି ଟଙ୍କା ଯୋଜନା ଅଟକଳ କରାଯାଇଥିଲା । ଏତଦ୍ ବ୍ୟତୀତ କେନ୍ଦ୍ରୀୟ ଯୋଜନାରେ 8·19 କୋଟି ଟଙ୍କାର ବ୍ୟୟ ବରାଦ ମଧ୍ୟ କରାଯାଇଥିଲା । ଏହି ଖର୍ଚ୍ଚ ଫଳରେ 35·63 ହଜାର ହେକ୍ଟର ଅଧିକ ଜମିରେ ଖରିଫ ଋତୁରେ ଏବଂ 19·47 'ହଜାର ହେକ୍ଟର ଜମିରେ ରବି ଋତୁରେ ଜଳସେଚନ ହୋଇପାରିବ । 1991-92 ଆର୍ଥିକ ବର୍ଷରେ 3 ଗୋଟି ବୈଦେଶିକ ସାହାଯ୍ୟ ପ୍ରାପ୍ତ (externally aided) ପ୍ରକଳ୍ପ ନିର୍ମାଣ, 9 ଗୋଟି ବୃହତ ଜଳସେଚନ ପ୍ରକଳ୍ପର ଆଧୁନିକୀକରଣ ସମେତ ଅନ୍ୟାନ୍ୟ ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଗୁଡ଼ିକ ପାଇଁ 250 କୋଟି 50 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏତଦ୍ ବ୍ୟତୀତ କେନ୍ଦ୍ରୀୟ ଯୋଜନା ବଜେଟ୍‌ରେ ମଧ୍ୟ 4·99 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଆଶା କରାଯାଏ ଯେ ଏହା ଫଳରେ ଖରିଫ ଓ ରବି ଋତୁରେ ଯଥାକ୍ରମେ 17·59 ହଜାର ଓ 9·29 ହଜାର ହେକ୍ଟର ଜମିରେ ନୂତନ ଭାବେ ଜଳସେଚନ

କରାଯାଇପାରିବ । ବନ୍ୟା ନିୟନ୍ତ୍ରଣ ଓ ଉପକୂଳବର୍ତ୍ତୀ ଅଞ୍ଚଳକୁ ସାମୁଦ୍ରିକ ଜଳ ପ୍ଲାବନରୁ ରକ୍ଷା କରିବା ଉଦ୍ଦେଶ୍ୟରେ ବନ୍ଧବାଡ଼ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଅଛି । ରାଜ୍ୟର ବନ୍ୟାପ୍ରବଣ 41,000ବର୍ଗ କିଲୋମିଟର ଅଞ୍ଚଳ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ପ୍ରାୟ 28,200 ବର୍ଗ କିଲୋମିଟର ଅଞ୍ଚଳକୁ ବନ୍ୟା ଦାଉରୁ ସମ୍ପୂର୍ଣ୍ଣ ଭାବେ ମୁକ୍ତ କରାଯାଇ ପାରିଛି । 1991–92 ଆର୍ଥିକ ବର୍ଷରେ ଏହାର ପରିସର ଆହୁରି ବୃଦ୍ଧି କରାଯିବା ନିମିତ୍ତ 6 କୋଟି 50 ଲକ୍ଷ ଟଙ୍କାର ଅର୍ଥ ବରାଦ କରାଯାଇଛି ।

କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକ ଦ୍ୱାରା ଷଷ୍ଠ ପଞ୍ଚବାର୍ଷିକ ଯୋଜନା ଶେଷ ସୁଦ୍ଧା 3 ଲକ୍ଷ 66 ହଜାର ହେକ୍ଟର ଜମିରେ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଥିଲା । ସପ୍ତମ ପଞ୍ଚବାର୍ଷିକ ଯୋଜନା କାଳ ମଧ୍ୟରେ 82 କୋଟି 68 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇ 33 ହଜାର 271 ହେକ୍ଟର ଅଧିକା ଜମିରେ ଏହି ସୁବିଧା ଦିଆଗଲା । 1990–91 ଆର୍ଥିକ ବର୍ଷରେ 20 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା । ତଦ୍ୱାରା ଅଧିକା 7,524 ହେକ୍ଟର ଜମିରେ ଖରିଫ ଋତୁରେ ଏବଂ 796 ହେକ୍ଟର ଜମିରେ ରବି ଋତୁରେ ଜଳସେଚନର ସୁବିଧା କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । 1991–92 ଆର୍ଥିକ ବର୍ଷରେ ସମୁଦାୟ 6,520 ହେକ୍ଟର ଜମିରେ ଖେରିଫ ଏବଂ ରବି ଫସଲକୁ ମିଶାଇ ଜଳସେଚନର ସୁବିଧା ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏବଂ ସେଥିପାଇଁ 29 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ପାରମ୍ପରିକ ରୀତିରେ ବ୍ୟୟ ବରାଦ କରିବା ଛଡ଼ା ଏହା ଏକ ସ୍ୱତନ୍ତ୍ର ବିଭାଗ ଦ୍ୱାରା ତଦାରଖ କରାଯାଉଛି । ସୁତରାଂ ମୋର ଆଶା ଯେ ଯଥା ସମୟରେ ଚାଷୀମାନେ ଏହି ଯୋଜନାର ସୁଫଳ ପାଇବେ ।

ଉଠା ଜଳସେଚନର ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ନିମିତ୍ତ 1991–92 ମସିହାରେ ଅନ୍ତତଃ ପକ୍ଷେ 1,000 ଟି ପ୍ରକଳ୍ପକୁ ନୂତନ ଭାବେ କାର୍ଯ୍ୟକାରୀ କରାଯିବ ଏବଂ 250 ଟି ଅକାମୀ ନଳକୂପକୁ ସଜୀବ କରାଯିବ । ମୁଁ ଏଠାରେ ଘୋଷଣା କରିବାକୁ ଚାହେଁ ଯେ ଉଠା ଜଳସେଚନ ଦ୍ୱାରା ଉପକୃତ ଚାଷୀମାନଙ୍କ ଉପରେ ଜଳକର ବୋଝକୁ ହ୍ରାସ କରିବା ନିମିତ୍ତ ବିଦ୍ୟୁତ ଟ୍ୟାରିଫ୍ ସମ୍ପୂର୍ଣ୍ଣ ରୂପେ ଛାଡ଼ କରିବାର ନିଷ୍ପତ୍ତି ସରକାର ଗ୍ରହଣ କରିଛନ୍ତି ।

22. ବିଦ୍ୟୁତ୍ ଶକ୍ତି ଉତ୍ପାଦନରେ ଦ୍ରୁତ ଉନ୍ନତି ବିନା ରାଜ୍ୟର ପ୍ରଗତି ସମ୍ଭବପର ନୁହେଁ। ଉତ୍ପାଦନ ପାଇଁ ଯଥେଷ୍ଟ ଉପାଦାନ ମହଜୁଦ ଥିବା ସତ୍ତ୍ୱେ ଆମ ରାଜ୍ୟର ଦୁର୍ଭାଗ୍ୟ ଯେ ବିଦ୍ୟୁତ ଶକ୍ତିର ସର୍ବନିମ୍ନ ଆବଶ୍ୟକତା ମଧ୍ୟ ପୂରଣ କରାଯାଇ ପାରୁନାହିଁ। ସର୍ବ ଭାରତୀୟ ସ୍ତରରେ ବିଦ୍ୟୁତ ଚାହିଦାର ଅଭାବ ଶତକଡ଼ା 6·8 ଥିବା ସ୍ଥଳେ ଆମ ରାଜ୍ୟରେ ଅଭାବର ପରିମାଣ ଶତକଡ଼ା 43 ଭାଗ। ଆମ ରାଜ୍ୟରେ କେନ୍ଦ୍ର ସରକାରଙ୍କ ଠାରୁ ପ୍ରାପ୍ୟ ଅଂଶକୁ ମିଶାଇ ବିଦ୍ୟୁତ ଉତ୍ପାଦନ କ୍ଷମତା 1990 ବର୍ଷ ଶେଷ ସୁଦ୍ଧା 1,675 ମେଗାୱାଟକୁ ବୃଦ୍ଧି ପାଇଥିଲେ ମଧ୍ୟ ଚାହିଦା ଦୃଷ୍ଟିରୁ ଆହୁରି ପ୍ରାୟ 550 ମେଗାୱାଟ୍‌ର ଅଭାବ ପୂରଣ ହୋଇ ପାରୁନାହିଁ। ତେଣୁ ଜଳ–ବିଦ୍ୟୁତ୍ ପ୍ରକଳ୍ପ ଗୁଡ଼ିକର ଦ୍ରୁତ ସମାପନ, ଉତ୍ପାଦନ କେନ୍ଦ୍ରର ଆଧୁନିକୀକରଣ, ତାଳଚେର ସୁପର ଥର୍ମାଲ ଓ ଅନ୍ୟାନ୍ୟ ତାପଜ ବିଦ୍ୟୁତ୍ ପ୍ରକଳ୍ପର ନିର୍ମାଣ ପାଇଁ ଆମ ସରକାର ଅଗ୍ରାଧିକାର ଦେଇଛନ୍ତି। 1991–92 ମସିହାରେ ରେଙ୍ଗାଲିର ପଞ୍ଚମ ୟୁନିଟ୍ ଏବଂ ଅପର କୋଲାବ ଜଳ ବିଦ୍ୟୁତ୍ ପ୍ରକଳ୍ପର ସମସ୍ତ ୟୁନିଟ୍ କାର୍ଯ୍ୟକାରୀ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ତାଳଚେର ଠାରେ ଥିବା ଥର୍ମାଲ ଷ୍ଟେସନ ଓ ହୀରାକୁଦ ଜଳ ବିଦ୍ୟୁତ୍ ପ୍ରକଳ୍ପର ଆଧୁନିକୀକରଣ କରାଯାଇ ଏହାର ବିଦ୍ୟୁତ୍ ଉତ୍ପାଦନ କ୍ଷମତା ବଢ଼ାଇବା ନିମିତ୍ତ ମଧ୍ୟ ଚେଷ୍ଟା କରାଯାଉଅଛି। ଓଡ଼ିଶା ପାୱାର ଜେନେରେସନ୍ କର୍ପୋରେସନ୍ ଜରିଆରେ ଇବ୍ ତାପଜ ବିଦ୍ୟୁତ୍ କେନ୍ଦ୍ରର ନିର୍ମାଣକୁ ତ୍ୱରାନ୍ୱିତ କରାଯାଇଛି। ଏଥି ସକାଶେ ଏ ବର୍ଷ ତୁଳନାରେ ଆସନ୍ତା ବଜେଟ୍‌ରେ ପ୍ରାୟ ଦୁଇ ଗୁଣ ଅର୍ଥ (222 କୋଟି ଟଙ୍କା) ବରାଦ କରାଯାଇଛି। ଏଥିରେ 800 କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ପୁଞ୍ଜି ଲଗାଣ ହେବ ଏବଂ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ 1993–94 ଆର୍ଥିକ ବର୍ଷ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବା ନିମିତ୍ତ ସମସ୍ତ ଚେଷ୍ଟା ଅବ୍ୟାହତ ରଖାଯାଇଛି। ଅତି ବୃହତ୍ ଶିଳ୍ପଗୁଡ଼ିକୁ ନିଜ ନିଜର ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର (Captive Power Plant) ପ୍ରତିଷ୍ଠା କରିବା ନିମିତ୍ତ ପ୍ରୋତ୍ସାହନ ଦିଆଯାଉଅଛି। 1990–91 ଆର୍ଥିକ ବର୍ଷର ବଜେଟ୍‌ରେ ଏ ବାବଦରେ 293 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିବା ସ୍ଥଳେ 1991–92 ଆର୍ଥିକ ବର୍ଷରେ 480 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି।

23. ଶିକ୍ଷାର ପ୍ରସାର ନିମିତ୍ତ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଅନ୍ତତଃ ପକ୍ଷେ ୨ଟି କରି ଶିକ୍ଷା କେନ୍ଦ୍ର ଖୋଲିବା ନିମନ୍ତେ ଆମ ସରକାର ନୀତିଗତ ଭାବେ ନିଷ୍ପତ୍ତି

ନେଇଛନ୍ତି । ଏହି ଶିକ୍ଷା କେନ୍ଦ୍ରମାନଙ୍କରେ ସେହି ସେହି ଅଞ୍ଚଳର ବାସିନ୍ଦାଙ୍କ ମଧ୍ୟରୁ ଶିକ୍ଷା ସେବକମାନଙ୍କୁ ନିଯୁକ୍ତି ଦିଆଯିବ । ଏହାଦ୍ୱାରା ଶିକ୍ଷାର ପ୍ରସାର କରାଯିବା ସଙ୍ଗେ ସଙ୍ଗେ ୫,୭୬୫ ଗ୍ରାମର ଶିକ୍ଷିତ ଯୁବକଙ୍କୁ କର୍ମ ନିଯୁକ୍ତିର ସୁଯୋଗ ମିଳିବ । କଳାପଟା ଯୋଜନା (Operation Black Board) ଅନୁସାରେ ଅଧିକା 3,272 ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ । ଏହା ସଙ୍ଗେ ସଙ୍ଗେ ବାଳିକାମାନଙ୍କ ନିମିତ୍ତ 2,000 ଅଣଆନୁଷ୍ଠାନିକ ଶିକ୍ଷା କେନ୍ଦ୍ର ଓ ହରିଜନ ଏବଂ ଆଦିବାସୀ ବହୁଳ ଅଞ୍ଚଳରେ 1,000 ଅଧିକ ଅଣଆନୁଷ୍ଠାନିକ ଶିକ୍ଷା କେନ୍ଦ୍ର ଖୋଲାଯିବ । ଏତଦ୍ ବ୍ୟତୀତ ଏଗାର ହଜାରରୁ ଉର୍ଦ୍ଧ୍ୱ ଶିକ୍ଷାକର୍ମୀଙ୍କୁ ନିୟମିତ ବେତନ ହାରରେ ନିଯୁକ୍ତି ଦେବା ପାଇଁ ଅଣଯୋଜନା ବଜେଟ୍‌ରେ ବ୍ୟବସ୍ଥା ରଖାଯାଇଛି । ଜାତୀୟ ଶିକ୍ଷାନୀତି ଅନୁସାରେ କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲା ଦ୍ୱୟକୁ ଅଷ୍ଟମ ଯୋଜନା ସମୟ ମଧ୍ୟରେ ସମ୍ପୂର୍ଣ୍ଣ ସାକ୍ଷର ଜିଲ୍ଲାରେ ପରିଣତ କରିବା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉଅଛି । ସେହିପରି ସୁନ୍ଦରଗଡ଼ ଜିଲ୍ଲାକୁ ମଧ୍ୟ 1991-92 ବର୍ଷ ସୁଦ୍ଧା ପୂର୍ଣ୍ଣ ସାକ୍ଷର ଜିଲ୍ଲାରେ ପରିଣତ କରିବା ନିମିତ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି । ଶିକ୍ଷା କ୍ଷେତ୍ରରେ ପ୍ରଶାସନିକ ଦକ୍ଷତାର ଅଭିବୃଦ୍ଧି ଏବଂ ବିଦ୍ୟାଳୟଗୁଡ଼ିକର ନିୟମିତ ପରିଦର୍ଶନ ନିମିତ୍ତ 3ଟି ଅଧିକା ପ୍ରଶାସନିକ ଶିକ୍ଷା ଅଞ୍ଚଳ ଗଠନ କରାଯିବାର ନିଷ୍ପତ୍ତି ମଧ୍ୟ ସରକାର ନେଇଛନ୍ତି । ପ୍ରୌଢ଼ ଶିକ୍ଷା କ୍ଷେତ୍ରରେ ବର୍ତ୍ତମାନ ଥିବା 4,57୫ ଜନ ଶିକ୍ଷା ନିଳୟ ସଙ୍ଗେ ଆଉ 150 ଟି ନୂତନ ଜନ ଶିକ୍ଷା ନିଳୟ ଖୋଲାଯିବ । ଶିକ୍ଷକମାନଙ୍କୁ ତାଲିମ ଦେବା ପାଇଁ ମଧ୍ୟ କେତେଗୁଡ଼ିଏ ନୂତନ କାର୍ଯ୍ୟକ୍ରମ ସରକାର ହାତକୁ ନେଇଛନ୍ତି । ଏତଦ୍ ବ୍ୟତୀତ ଶିକ୍ଷା କେନ୍ଦ୍ର ଜରିଆରେ 14 ବର୍ଷ ବୟସ ସୀମା ମଧ୍ୟରେ ସ୍କୁଲ ପରିତ୍ୟାଗ କରୁଥିବା ବାଳକ ବାଳିକାମାନଙ୍କ ପାଇଁ ଶିକ୍ଷା ବ୍ୟବସ୍ଥାକୁ ଅଧିକ ବ୍ୟାପକ କରାଯିବ ।

24. ସମସ୍ତ ରାଜ୍ୟବାସୀଙ୍କୁ ସୁବିଧାରେ ପାନୀୟ ଜଳ ଯୋଗାଇବା ଆମ ସରକାରଙ୍କ ଏକ ପ୍ରଧାନ ଲକ୍ଷ୍ୟ । ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ଏ ପର୍ଯ୍ୟନ୍ତ ସନ୍ତୋଷଜନକ ହୋଇପାରି ନାହିଁ । ଓଡ଼ିଶାରେ ଥିବା 46,553ଟି ଗ୍ରାମ ମଧ୍ୟରୁ 42,221 ଟି ଗ୍ରାମରେ ପାନୀୟ ଜଳ ଯୋଗାଣର ଆବଶ୍ୟକତା ଥିବାର ଚିହ୍ନଟ କରାଯାଇଛି । ସପ୍ତମ ପଞ୍ଚବାର୍ଷିକ ଯୋଜନା ଶେଷ ସୁଦ୍ଧା 40,901ଟି ଗ୍ରାମରେ ଏକ ଲକ୍ଷ ନଳକୂପ ସ୍ଥାପନ କରାଯାଇଛି । ରାଜ୍ୟ ଯୋଜନା ସମ୍ବଳରୁ 1990-91 ବର୍ଷରେ 2,740ଟି ଏବଂ 1991-92 ମସିହାରେ 2,108ଟି ନଳକୂପ